# ସରକାରୀ ନଳକୂଅ ଅବରୋଧ: ମାମଲା ଥାନାରେ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୁଣ୍ଡୁରୀଖଳି ଗ୍ରାମର କମାରସାହି ନିକଟରେ ଥିବା ଏକ ସରକାରୀ ନଳକୂଅ କୁ ଜଣେ ବ୍ୟକ୍ତି ଜବରଦସ୍ତ ଅବରୋଧ କରିଥିବା ଯୋଗୁଁ ପାଣି ପାଇବାରୁ ଅଂଚଳବାସି ବଞ୍ଚିତ ହୋଇଛନ୍ତି ଉକ୍ତ ନଳକୂଅକୁ ଉକ୍ତ ବ୍ୟକ୍ତି ଜଣଙ୍କ କାଠ ଦ୍ୱାରା ବାନ୍ଧି ଦେଇଥିବା ଯୋଗୁଁ ପାଣି ମିଳୁ ନାହିଁ। ଫଳରେ କମାର ସାହି ଗ୍ରାମବାସୀମାନେ ଶନିବାର ଦିନ ଠାକୁରଗଡ଼ ଥାନା ରେ ଅଭିଯୋଗ କରିଛନ୍ତି ।

ଗ୍ରାମର ମହିଳାମାନେ ଥାନାକୁ ଯାଇ ସେମାନଙ୍କୁ ପାଣି ମିଳୁ ନଥିବା ଅଭିଯୋଗ କରିଥିଲେ । ସେମାନେ



ପୋଲିସ ନିକଟରେ ଅଭିଯୋଗ କରିଥିଲେ ଯେ ତାଙ୍କ ଗ୍ରାମବାସଙ୍କୁ ପାଣି ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଏକ ନଳକୂଅ ଖୋଳାଯାଇଛି । ଉକ୍ତ ନଳକୂଅରୁ କମାରସାହି ଓ ତଳସାହିର ୫୦ ପରିବାର ନିର୍ଭର କରୁଛନ୍ତି ।

ନଳକୂଅଟି ରାସ୍ତା ଉପରେ ହୋଇଥିବା ବେଳେ ଏହି ନଳକୂଅରେ ଅଞ୍ଚଳବାସୀମାନେ ମଧ୍ୟ ଶୌଚ ପାଇଁ ବ୍ୟବହାର କରୁଛନ୍ତି । ଉକ୍ତ ନଳକୂଅରୁ ବାହାରୁଥିବା ବଳକା ପାଣି ଗୁଡିକ ନିଷ୍କାସନ ପାଇଁ ଡ୍ରେନ କିମ୍ବା କୌଣସି ବ୍ୟବସ୍ଥା କରା ଯାଇ ନଥିବା ଯୋଗୁଁ ପାଣି ଗୁଡିକ ରାସ୍ତା ଉପରେ ଯାଉଛି ।

କିଛିଦିନ ହେବ ବର୍ଷା ହୋଇଥିବା ସହ ନଳକୂଅରୁ ବାହାରୁଥିବା ବଳକା ପାଣି ଗୁଡିକ ରାସ୍ତାରେ ଯିବା ଆସିବା କରିବାରୁ ଜଣେ ବ୍ୟକ୍ତି ଉତକ୍ଷିପ୍ତ ହୋଇ ନଳକୂଅକୁ କାଠ ବାନ୍ଧି ଅବରୋଧ କରିଛନ୍ତି । ଫଳରେ ପାଣି ପାଇଁ ସାହିବାସୀ ହଇରାଣ ହେଉଛନ୍ତି । ଏ ନେଇ ଘଟଣା ସ୍ଥଳକୁ ପୋଲିସ ଯାଇ ତଦନ୍ତ ଆରମ୍ଭ କରିଛି ।

# ଜଙ୍ଗଲରୁ ୧୫ ଶାଳଗଣ୍ଡି ସହ ଭ୍ୟାନ୍ ଜବତ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓ ବନଖଣ୍ଡର ହିନ୍ଦୋଳ ବନାଞ୍ଚଳ ଖଜୁରିଆକଟା ସେକ୍ସନ ଅନ୍ତର୍ଗତ ତଣ୍ଟିଚିରା ଗ୍ରାମ୍ୟ ଜଙ୍ଗଲ ମଧ୍ୟରୁ ଗୁରୁବାର ରାତିରେ ବନବିଭାଗ ଓ ହିନ୍ଦୋଳ ପୋଲିସ ଚଢ଼ାଉ କରି ୧୫ ଟି ଶାଳଗଣ୍ଡି ବୋଝେଇ ହୋଇଥିବା ଏକ ମହିନ୍ଦ୍ରା ପିକଅପ ଭ୍ୟାନ ଜବତ କରିଥିବା ଜଣାପଡିଛି। ଜବତ ପୀକଅପ ଭ୍ୟାନ ନଂ କ୍ୱଡ଼୦୫ଅଘ୫୩୫୧ ବୋଲି ଜଣାପଡ଼ିଛି ।

ଖବର ନେବାରୁ ଜଣା ଯାଇଛି ଯେ ତଣ୍ଟିଚିରା ଗ୍ରାମ୍ୟ ସଂଲଗ୍ନ ଶାଳ ଜଙ୍ଗଲ ମଧ୍ୟରେ ଦୁର୍ବୃତ୍ତମାନେ ମଝିରେ ମଝିରେ ଅବାଧ ଗଛ କାଟି ଚୋରା ଚାଲାଣରେ ଲିପ୍ତ ରହିଥିବାର ଭିତିରି ସୁଚନା ବନବିଭାଗ ଓ ପୋଲିସକୁ ମିଳି ଥିଲା । ଗୁରୁବାର



ବିଳମ୍ବିତ ରାତିରେ ଏନେଇ ଖବର ପାଇବାରୁ ଖଜୁରିଆକଟା ସେକ୍ସନ ବନବିଭାଗ ହିନ୍ଦୋଳ ଥାନା ପୁଲିସ ସହାୟତାରେ ଉକ୍ତ ଜଙ୍ଗଲ ମଧ୍ୟରେ ଛାନଭିନ ଆରମ୍ଭ କରିଥିଲେ ।ଏହା ଜାଣି ପାରି ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ପଳାଇଥିବା ବେଳେ ବନବିଭାଗ ଓ ପୋଲିସ ହାତରେ ୧୫ ଗୋଟି ବଡ ବଡ ଶାଳଗଣ୍ଡି ବୋଝେଇ ପିକଅପ ଭ୍ୟାନଟି ଧରାପଡ଼ି ଥିଲା । ବନବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରା ଯାଇ ଶାଳଗଣ୍ଡି ବୋଝେଇ ଭ୍ୟାନଟିକୁ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଅଟକ ରଖା ଯାଇଛି । କାଠ ଚୋରି ଘଟଣାରେଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ଉଭୟ ବନବିଭାଗ ଓ ପୋଲିସ ପକ୍ଷରୁ ମିଳିତ ତଦନ୍ତ ଜାରୀ ରହିଛି ।

# ବଣ୍ଟାଁରପାଳ ଅଞ୍ଚଳରେ ବଢୁଛି କିଡନୀ, କ୍ୟାନ୍ସର ପୀଡ଼ିତଙ୍କ ସଂଖ୍ୟା

ବଣ୍ଟାଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଣ୍ଟାଁରପାଳ ବ୍ଲକ ଅଞ୍ଚଳର ଅନେକ ଗାଁର ଲୋକମାନେ ଏବେ କିଡନୀ ଓ କ୍ୟାନ୍ସର ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି ।ଏହାକୁ ନେଇ ଜନସାଧାରଣ ଆତଙ୍କିତ ହୋଇପଡିଛନ୍ତି । କୁଲାଡ, ଗିରାଙ୍ଗ, କାଣ୍ଡସର, ବଣ୍ଟାଁରପାଳ, ନୂଆହତା, ତୁଳସୀପାଳ, ବନ୍ଧା ଗଡସନ୍ତ୍ରୀ, ଗୋତମରା, ବଳରାମପ୍ରସାଦ ଭଳି ଅନେକ ଗ୍ରାମ ରହିଛି ଜାହାକି ସମସ୍ତ ଗାଁର ନାମ ଲେଖିବା ସହଜ ନୁହେଁ ।

ଉକ୍ତ ଗ୍ରାମର ପାଣି ପବନ ଏବେ ବିଷ ହୋଇଗଲାଣି । ଗାଁ ନିକଟରେ ଗଡ଼ି ଉଠିଥିବା ପ୍ଲାଣ୍ଟର ପ୍ରଭାବରେ ଲୋକଙ୍କୁ ମିଳୁନି ବିଶୁଦ୍ଧ ବାୟୁ ,ଜଳାଶୟ ବି ପ୍ରଦୂଷିତ ଓ ଭୂତଳ ଜଳରେ ମାତ୍ରାଧିକ ଫ୍ଲୋରାଇଡ ଯୋଗୁଁ ଗାଁର ଅଧିକାଂଶ ଲୋକ କିଡନୀ, କ୍ୟାନ୍ସର ଓ ହୃଦଘାତର ଶିକାର ହେଉଛନ୍ତି । ଶିଳ୍ପ ପ୍ରତିଷ୍ଠାନ ଗୁଡିକ କେବଳ ପାରିପାର୍ଶ୍ୱ ଗାଁର ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ପାଇଁ ଟଙ୍କା ଖର୍ଚ୍ଚ କରୁଛନ୍ତି । କାରଣ ଏଥିରେ ଠିକାଦାର ଓ ରାଜନୈତିକ ଦଳର କର୍ମୀ ମାନେ ଭଲ ମୁନାଫା ପାଉଛନ୍ତି । ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଟଙ୍କାଟିଏ ଖର୍ଚ୍ଚ କରୁନାହାନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ବଣ୍ଟାଁରପାଳ ବ୍ଲକ ଅଙ୍ଗାରବନ୍ଧ ପଞ୍ଚାୟତ ଖଣ୍ଡହତା ଗ୍ରାମର ଅଜିତ କୁମାର ବେହେରାଙ୍କ ୫ ବର୍ଷ ପୁଅ ଆରୀୟନ ବେହେରା ରକ୍ତ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସା ହେଉଥିବା ବେଳେ ସମାଜସେବୀ ଅଭିମନ୍ୟୁ ସାହୁ ପହଞ୍ଚି ୫୦ ହଜାର ଟଙ୍କା ସହାୟତା କରିଥିଲେ ।

ଏବେ ପୁଣି ଅନୁଗୋଳ ନିକଟସ୍ଥ ଶାବଳଭଙ୍ଗା ଗ୍ରାମର ସଚ୍ଚିଦାନନ୍ଦ ସାହୁ ଙ୍କ ୬ ବର୍ଷର ପୁଅ ଜ୍ଞାନସ୍ୱରୂପ ସାହୁ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ତାଙ୍କର ଉତ୍ତମ ଚିକିତ୍ସା ପାଇଁ ଅଭିମନ୍ୟୁ ୫୧ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅଭିମନ୍ୟୁ ବିଭିନ୍ନ ପଞ୍ଚାୟତରେ ବୁଲିବୁଲି କିଡନୀ, କ୍ୟାନ୍ସର ଓ ଭିନ୍ନକ୍ଷମ ମାନଙ୍କୁ ସହାୟତା ଯୋଗାଇ ଦେଉଥିବା ବେଳେ ଘଟଣା ଲୋକଲୋଚନକୁ ଆସିଥିଲା । ଏତେ ସଂଖ୍ୟକ ଲୋକ ଓ ଶିଶୁ ଏଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି କିନ୍ତୁ ପ୍ରଶାସନ କିଭଳି ଜାଣି ପାରୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଆରୀୟନ ଓ ଜ୍ଞାନସ୍ୱରୂପ ଦୁଇ ଶିଶୁକୁ ସରକାରୀ ସହାୟତା ଯୋଗାଇଦେବାକୁ ସମାଜସେବୀ ଅଭିମନ୍ୟୁ ସାହୁ ଓ ଗ୍ରାମବାସୀ ମାନେ ଦାବି କରୁଛନ୍ତି ।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଶିକ୍ଷା ବିଭାଗ ତରଫରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅଧୀନରେ ଚଳିତ ବର୍ଷ ୧୫ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ନିମନ୍ତେ ପ୍ରାୟ ୭ହଜାର ନିରକ୍ଷର ବ୍ୟକ୍ତିଙ୍କୁ ପଞ୍ଜିକୃତ କରାଯାଇଛି ।

ପ୍ରଥମ ପର୍ଯ୍ୟାୟରେ କାମାକ୍ଷାନଗର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୩୯୫ ଜଣ ପୁରୁଷ ଓ ୨୭୯୬ ଜଣ ମହିଳା ପରୀକ୍ଷା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ କବିରାଜ ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ଭୋଇ ଓ ବିଭିନ୍ନ କ୍ଲଷ୍ଟରର ସିଆରସିସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ସ୍ୱେଚ୍ଛାସେବି ଶିକ୍ଷକ ସହଯୋଗ କରିଥିଲେ ।

# କଳାହିରା ସହର ତାଳଚେରରୁ ବିଦାୟ ନେଲେ ପ୍ରଭୁ ଶ୍ରୀ ଗଜାନନ

ତାଳଚେର, (ସବ୍ୟୁ) : ତାଳଚେର ସହରର ଗଣପର୍ବ ତଥା ପ୍ରଭୁ ଶ୍ରୀ ଗଜାନନଙ୍କ ଭସାଣୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ତାଳଚେର ବଡ଼ ଦାଣ୍ଡ ସାହସ୍ଥିତ ମେଳଣ ପଡିଆରେ ଅପରାହ୍ନ ଏକ ଘଟିକା ସୁଦ୍ଧା ସମସ୍ତ ୩୫ଟି ମେଢ଼ ଗୁଡ଼ିକ ପଂହଚି ସାରିଥିଲା ।

ଏହି ସମୟରେ ତାଳଚେର ଉପଜିଲ୍ଲାପାଳ ତଥା କେନ୍ଦ୍ରୀୟ ଗଣେଶପୂଜା କମିଟିର ସଭାପତ ପ୍ରଜ୍ଞା ନନ୍ଦନ ଗିରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଙ୍କୋନାଳ ପୂର୍ବତନ ସାଂସଦ ମହେଶ ସାହୁ, କେନ୍ଦ୍ରୀୟ ପୂଜାକମିଟିର ସମସ୍ତ ସଦସ୍ୟ ମଂଚ ଉପରେ ଉପସ୍ଥିତରେ ମେ ଗୁଡ଼ିକ ଭସାଣୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ପୂର୍ବନିଷ୍ପତି ଅନୁଯାୟୀ ଅପରାହ୍ନ ୨ଘଟିକା ସମୟରେ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ମେଢ଼ ବାହାରି ତାଳଚେର ଥାନା, ଚିତ୍ରକୂଟ ବଜାର, ହନୁମାନ ବଉଳଛକ, ଭୈରବୀ ସାହି ଦେଇ ଭସାଣୀ ଶୋଭାଯାତ୍ରାକୁ ସମାପ୍ତ କରିଥିଲେ । ତେବେ ବିସର୍ଜନ ସମୟରେ ଫାଷ୍ଟଗେଟ ପର୍ଯ୍ୟନ୍ତ ଅସମ୍ଭାଳ ଭିଡ ଲାଗି ପରିଲକ୍ଷିତ ହୋଇଥିଲା । ଆକର୍ଷଣ ବାଜା ଲାଇଟ ଓ ଭଳିକି ଭଳି ପାରମ୍ପରିକ ନାଚଗୀତରେ କଳାକୃତୀ, ବାଦ୍ୟ ଓ ନୃତ୍ୟ ମଧ୍ୟରେ ହଜାର ହଜାର ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା ।

ପ୍ରାୟ ସମସ୍ତ ୩୫ଟି ପୂଜା କମିଟି ପକ୍ଷରୁ ନାନା ପ୍ରକାର ବାଜା ନୃତ୍ୟ ପରିବେଷଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ, ବିଶେଷ କରି ତାଳଚେର ବହୁ ପୁରାତନ ଗଣେଶ ପୂଜା କମିଟି କାରିଗର ପଡ଼ା ଓ ବଉଳଛକ ରାସ ପାର୍ଟି ଗଣେଶ ପୂଜା କମିଟି ପକ୍ଷରୁ ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ କଳାକୃତି ର ନୃତ୍ୟ ବାଜା ଓ ଅନେକ ଗୁଡ଼ିଏ ସ୍ୱତନ୍ତ୍ର ଆଇଟମ ର କଳାକୃତି ସମସ୍ତ ଶ୍ରଦ୍ଧାଳୁ ସ୍ଥାନୀୟ ଜନସାଧାରଣ ତଥା ଭସାଣୀ ପର୍ବ ଦେଖିବା ପାଇଁ ଆସିଥିବା ଜିଲ୍ଲା ଏଂ ପଡୋଶୀ ଜିଲ୍ଲାରୁ ଶ୍ରଦ୍ଧାଳୁଙ୍କ ମନ କୁ କିଣି ନେଇଥିଲା ।

ତେବେ ପ୍ରଶାସନ ପକ୍ଷରୁ ପୂର୍ବରୁ ଶାନ୍ତି କମିଟି ବୈଠକରେ ନିଷ୍ପତିକ୍ରମେ ସାଉଣ୍ଡ ବ୍ୟବହାରକୁ ନିସିଦ୍ଧ କରାଇଥିଲା । ମୋଟାମୋଟି ଭାବେ ପ୍ରସିଦ୍ଧ ଗଣେଶ ପୂଜା ର ୧୨ଦିନ କାଳ ପୂଜା ରେ ଅହେତୁକ ଭିଡ ସହ ଲଡୁ ନିଲାମ ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳା ର ସହ ସମ୍ପର୍ନ୍ନ ହୋଇଯାଇଥିବା କାରଣ ରୁ ତାଳଚେର ଏକ ଭାଇଚାରା ସହର ବୋଲି ପ୍ରମାଣିତ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ଏଥିପାଇଁ କେନ୍ଦ୍ରୀୟ ଗଣେଶ ପୂଜା କମିଟି ର ସଭାପତି ତଥା ଉପଜିଲ୍ଲାପଳ ପ୍ରଜ୍ଞା ନନ୍ଦନ ଗିରି, କାର୍ଯ୍ୟକାରି ସଭାପତି ତଥା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଭରତ ସାହୁ,ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ଦାସ, ତାଳଚେର ପୌର ପରିଷଦ ଅଧ୍ୟକ୍ଷ ପବିତ୍ର ଭୂତିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ଏହି ଭସାଣୀ ଉତ୍ସବ ସହର ପରିକ୍ରମା କରିବା ସହ ଭସାଣି ସମାପନ ହେବା ବେଳକୁ ରାତ୍ରି ୧୨ଟା ବାଜି ଯାଇଥିଲା ଓ ବ୍ରାହ୍ମଣୀ ନଦୀ କୂଳରେ ନିର୍ମିତ ଅସ୍ଥାୟୀ କୃତ୍ରିମ ପୋଖରୀରେ ବିସର୍ଜନ କରାଯାଇଥିଲା ।

# ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ଢେଙ୍କାନାଳ, (ସବ୍ୟୁ) : ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ, ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାରର ଏକକ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ)ଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ୨୦୨୬-୨୭ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍.ଏମ୍. ରାଉତ ଏବଂ ଜିଲ୍ଲା ବିଜ୍ଞାନ ସୁପରଭାଇଜର ବିଶ୍ୱଜିତ ମିଶ୍ର ଉ‌ଦ୍‌ଘାଟନ କରିଥିଲେ ।

ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ରାଉତ ପ୍ରତିଯୋଗିତାର ନିୟମାବଳୀ



ସମ୍ପର୍କରେ ସୂଚନା ଦେବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ସେ ଲୋକନୃତ୍ୟ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ ଓ ପ୍ରୋତ୍ସାହନ ଦେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ବିଜେତା ଭାବରେ ୮ଟି ବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ । ପଂଚାୟତରାଜ ଉଚ୍ଚ ବିଦ୍ୟାଳୟ, କାନପୁରା, କାମାକ୍ଷାନଗର ପ୍ରଥମ ସ୍ଥାନ, ଶ୍ରୀ ଅରବିନ୍ଦ ଇଂଟିଗ୍ରାଲ୍ ସେଂଟର ଅଫ୍ ଏଡୁକେସନ, ମାତୃଭୂମି, ବାରଦା ଦ୍ୱିତୀୟ ସ୍ଥାନ ଏବଂ ପିଏମ୍ ଶ୍ରୀ ବି.ବି.ହାଇସ୍କୁଲ, ଢେଙ୍କାନାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମାପନୀ ଉତ୍ସବରେ ବିଜେତା ଦଳଗୁଡ଼ିକୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ବିଜ୍ଞାନ ସୁପରଭାଇଜର ବିଶ୍ୱଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଶିକ୍ଷା ସହାୟକ ଶଙ୍କର ଗୁରୁଙ୍ଗ ସଫଳତାର ସହ ସମନ୍ୱୟ କରିଥିଲେ ।

# ପୋଖରୀରୁ ଶବ ଉଦ୍ଧାର

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ବର ଡିପ ଗ୍ରାମ ପୋଖରୀରୁ ଶୁକ୍ରବାର ଦିନ ପୋଲିସ ଏକ ଶବ ଉଦ୍ଧାର କରିଛି । ତାଙ୍କ ନାମ ଜୀବନ ବେହେରା (୫୫), ସେ ଦୁଇ ଦିନ ତଳୁ ନିଖୋଜ ଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନଥିଲେ । ଶୁକ୍ରବାର ଦିନ ଗ୍ରାମ ପୋଖରୀରେ ତାଙ୍କର ମୃତଦେହ ଭାଶୁ ଥିବା ଅଞ୍ଚଳବାସି ଦେଖି ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ଠାକୁରଗଡ଼ ପୋଲିସ ତାଙ୍କ ଶବକୁ ପୋଖରୀ ରୁ ଆଠମଲ୍ଲିକ ଅଗ୍ନିଶମ ବିଭଗ କର୍ମଚାରୀ ଙ୍କ ସହାୟତାରେ ଉଦ୍ଧାର କରିଛି ।

# ସଞ୍ଜୟ ହେଲେ ନାକଚି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ମଣ୍ଡଳର ଭାଜପାର ଯୁବମୋର୍ଚ୍ଚା ସଭାପତି ଭାବରେ ସଞ୍ଜୟ ବେହେରାଙ୍କୁ ନିଯୁକ୍ତି କରାଯାଇଛି । ଭାଜପା ସଭାପତି ଯଯାତି ପଟନାୟକ, ଜିଲ୍ଲା ଭାଜପା ଯୁବମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ରାଉତରାୟ, ନାକଚି ମଣ୍ଡଳ ସଭାପତି ସଂଜୀବ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଆଜି ସଞ୍ଜୟ ବେହେରାଙ୍କୁ ନାକଚି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ରୂପେ ମନୋନୀତ କରାଯାଇଛି । ତାଙ୍କ ନେତୃତ୍ୱରେ ନାକଚି ଯୁବ ମୋର୍ଚ୍ଚା ସଶକ୍ତ ହେବ ବୋଲି ଦଳ ଆଶା ରଖିଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ସେହିପରି ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭାବେ ଅଶୋକ ପ୍ରଧାନ ଓ ଆକାଶ ପ୍ରଧାନ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ମାନସ ସାହୁ ଓ ଚିନ୍ମୟ ସାହୁ, ସମ୍ପାଦକ ରୂପ ଲିଙ୍କନ ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ଏ ନେଇ ଚୟନ ହୋଇଥିବା କର୍ମକର୍ତ୍ତାମାନେ ସମ୍ବଲପୁର ଏମପି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ସମବାୟ ସଦସ୍ୟତା ମହାଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ



ଅନୁଗୋଳ, (ସବ୍ୟୁ) : ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର କୃଷି ଶିକ୍ଷା ସଦନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରକମଳରେ ସମବାୟ ସଦସ୍ୟତା ମହାଭିଯାନ "ସମ୍ବନ୍ଧ'ର ଶୁଭାରମ୍ଭ ହୋଇଯାଇଛି । ସ୍ଥାନୀୟ ବ୍ଲାକ ଡାଇମଣ୍ଡଠାରେ ଏହି ଉତ୍ସବର ସିଧାପ୍ରସାରଣ ଆଭାସୀ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରରୁ ଅନ୍ୟୁନ ଜଣେ ସଦସ୍ୟଙ୍କୁ ସମବାୟ ସମିତି ସହ ଯୋଡ଼ିବା ଏହି ମହାଭିଯାନର ମୁଖ୍ୟ ଲକ୍ଷ୍ୟ । ଏଥିସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ମହିଳା ଓ ଯୁବପିଢ଼ିଙ୍କୁ ସମବାୟ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡ଼ନାୟକ, ଢେଙ୍କାନାଳଙ୍କ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ,ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡ଼. ସତ୍ୟ ନାରାୟଣ ସାହୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପରିଡ଼ାଙ୍କ ସମେତ ସମବାୟ ବିଭାଗର ସମସ୍ତ ଅଧିକାରୀ ଏବଂ ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀର ସଦସ୍ୟାପ୍ରମୁଖ ଉପସ୍ଥିତ ଥିଲେ । ଅନୁଗୋଳ ପ୍ରଭାଗ ସମବାୟ ସମିତି ସମୂହର ଉପ-ନିବନ୍ଧକ ଉମାଶଙ୍କର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମୁଣ୍ଡ ଉପରେ ବିପଦ, ବିଦ୍ୟୁତ ତାର ଓହଳି ରହିଛି

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକ ନାଳୀ ଗ୍ରାମରେ ଅନେକ ବିଦ୍ୟୁତ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥା ରେ ରହିଛି । ବିଦ୍ୟୁତ ତାର ଗୁଡିକ ଓହଳି ରହିଥିବା ଯୋଗୁଁ ଅନେକ ସମୟ ଦୁର୍ଘଟଣା ଘଟୁଛି । ଗ୍ରାମ କୁ କୌଣସି ଗାଡି ମଧ୍ୟ ଗ୍ରାମ ଭିତରୁ ଯାତାୟାତ କରି ପାରୁ ନାହି । ମୁଣ୍ଡ ଉପରେବିଦ୍ୟୁତ ତାର ଝୁଲି ରହିଥିବା ବେଳେ ବିପଦ କୁ ନେଇ ଗ୍ରାମବାସୀ ମାନେ ଆତଙ୍କିତ ହୋଇ ପଡିଛନ୍ତି । ଏ ନେଇ ପୂର୍ବରୁ ବାରମ୍ବାରବିଦ୍ୟୁତ ବିଭାଗ କୁ ଅଭିଯୋଗ କଲେ ମଧ୍ୟ କେହି ଦୃଷ୍ଟି ଦେଉନଥିବା ଯୋଗୁଁ ଗୁରୁବାର ଦିନ ଠେଲକନାଳୀ ଗ୍ରାମବାସୀ ମାନେ ମୁଖ୍ୟମନ୍ତ୍ରୀ ଙ୍କୁ ଇ ମେଲ ଜରିଆରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ଯେ ଜାତୀୟ ରାଜପଥ ୫୫ କଡରୁ ଗ୍ରାମକୁ ଯାଇଥିବା ଏଲ ଟି ଲାଇନ ତାର ଗୁଡିକ ଓହଳି ରହିଛି । ଅନେକ ବିଦୂତ ଖୁଣ୍ଟ ରାସ୍ତା ମଝି ରେ ରହିଥିଲେ ମଧ୍ୟ ଏହାକୁ ସ୍ଥାନ ।ନ୍ତର କରାଯାଉ ନାହି । ଯାହାକି ଗ୍ରାମବାସୀ ମାନେ ଯାତାୟାତ କରିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ତାର ଓହଳି ଥିବା ଯୋଗୁଁ ଗ୍ରାମକୁ କୌଣସି ୪ ଚକିଆ ଯାନ ଯାତାୟାତ କରୁ ନାହି । ଏ ନେଇ ଅନେକ ସମୟ ରେ ନାକିଚି, ବାମୁର ଅଞ୍ଚଳ ରେ ଥିବା ବିଦୂତ ବିଭାଗ କାର୍ଯ୍ୟ ।ଳୟ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ବିଦ୍ୟୁତ ତାର ଓ ଖୁଣ୍ଟ କୁ ସ୍ଥାନାନ୍ତର କରିବା ପାଇଁ ବିଦୂତ କର୍ମଚାରୀ ମାନେ ଅର୍ଥ ମାଗୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଓହଳି ଥିବା ତାର ସହ ଖୁଣ୍ଟ କୁ ସ୍ଥାନାନ୍ତର କରିବା ପାଇଁ ଦୃଷ୍ଟି ଦେବା କୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ବିଦ୍ୟୁତ ବିଭାଗ ର ଏସଡିଓ ଶୁଭକାନ୍ତ ପ୍ରଧାନ କୁହନ୍ତି ଓହଳି ରହିଥିବା ବିଦ୍ୟୁତ ତାର ଗୁଡ଼ିକ ମରାମତି କରାଯିବ ।

# ଜିଲ୍ଲାସ୍ତରୀୟ ପର୍ଯ୍ୟବେକ୍ଷଣ ସମିତି ବୈଠକ

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦଭାବନା ବୈଠକ ଗୃହରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ଜିଲ୍ଲାରେ ଶ୍ରମିକମାନଙ୍କ କଲ୍ୟାଣ, ଶ୍ରମ ଆଇନର ଅନୁପାଳନ ଏବଂ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଏହା ବିରୁଦ୍ଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଉପ ଆରକ୍ଷୀ ଅଧୀକ୍ଷକ, ଢେଙ୍କାନାଳ, ସୁଷମା ପ୍ରଧାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଢେଙ୍କାନାଳ, ମୋନାଲିସା ନାୟକ, ଅଧ୍ୟକ୍ଷ, ଶିଶୁ କଲ୍ୟାଣ ସମିତି, ଗୋଲେଖ ବିହାରୀ ପାଣିଗ୍ରାହୀ ଯୋଗଦାନ କରିଥିଲେ ।

ବୈଠକରେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଢେଙ୍କାନାଳ, ଜିଲ୍ଲା ନିଯୋଜନ ଅଧିକାରୀ, ଢେଙ୍କାନାଳ, ଜିଲ୍ଲା କଲ୍ୟାଣ ଅଧିକାରୀ, ଢେଙ୍କାନାଳ, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ଢେଙ୍କାନାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କର୍ମକର୍ତ୍ତା, ଢେଙ୍କାନାଳ, ସହକାରୀ ଶ୍ରମ ଅଧିକାରୀ, ଢେଙ୍କାନାଳ ଯୋଗଦାନ କରିଥିଲେ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ, ଏନଜିଓ,ଟ୍ରେଡୟୁନିଅନର ସଭାପତି,ଚାମ୍ବର ଅଫ କମର୍ସର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟ କ୍ରମକୁ ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ପରିଚାଳନା କରିଥିଲେ। ବୈଠକରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସେମାନଙ୍କର ପୁନର୍ବାସ ବ୍ୟବସ୍ଥା, ପ୍ରବାସୀ ଶ୍ରମିକ ସୁରକ୍ଷା ଓଡ଼ିଶାରୁ ବାହାରକୁ ଯାଉଥିବା ବା ବାହାରୁ ଆସୁଥିବା ଦାଦନ/ ପ୍ରବାସୀ ଶ୍ରମିକମାନଙ୍କର ସୁରକ୍ଷା ଓ ଅଧିକାରର ତଦାରଖ କରିବା, ଜିଲ୍ଲାରେ ସର୍ବନିମ୍ନ ମଜୁରୀ ପ୍ରଦାନ ଏବଂ ଅନ୍ୟାନ୍ୟ ସରକାରୀ ଶ୍ରମ କଲ୍ୟାଣ ଯୋଜନାର ସଫଳ ରୂପାୟନର ଅନୁଧ୍ୟାନ କରିବା ନିମନ୍ତେ କମିଟିର ବୈଠକରେ ଆଲୋଚନା କରଯାଇଥିଲା ।

# ମହିଳାଙ୍କ ବେକରୁ ଚେନ୍ ଟାଣିନେଲେ ଦୁର୍ବୃତ୍ତ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ପବିତ୍ରନଗର ଛକ ନିକଟରେ ଦିନଦ୍ୱିପ୍ରହରରେ ଏକ ସଂଘାତିକ ଲୁଟ ଘଟଣା ସାମ୍ନାକୁ ଆସିଛି । ପଲସର ବାଇକରେ ଆସି ମାରଣାସ୍ତ୍ର ଦେଖାଇ ଦମ୍ପତ୍ତିଙ୍କୁ ଅଟକାଇବା ସହ ମହିଳାଙ୍କ ବେକରୁ ଚେନ ଟାଣି ନେଇଛନ୍ତି ଦୁର୍ବୃତ୍ତ । ତେବେ ସୌଭାଗ୍ୟବଶତଃ, ଲୁଟେରାଙ୍କ ହାତରେ ନକଲି ଚେନ ଲାଗିଥିବା ବେଳେ ଅସଲି ସୁନା ଚେନଟି ଛିଣ୍ଡି ମହିଳାଙ୍କ ହାତରେ ରହିଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ପରାବିଲ ଗ୍ରାମର ଜଣେ ଦମ୍ପତ୍ତି କୌଣସି କାମ ସାରି ନିଜ ବାଇକ୍ରେ ଘରକୁ ଫେରୁଥିଲେ । ପବିତ୍ରନଗର ଛକଠାରୁ ମାତ୍ର ୩୦୦ ମିଟର ଦୂରରେ ଏବଂ ନିଜ ଘରଠାରୁ ପ୍ରାୟ ଏକ କିଲୋମିଟର ପୂର୍ବରୁ, ଅପରାହ୍ନ ପ୍ରାୟ ୪ଟା ସମୟରେ, ଗୋଟିଏ ପଲସର ବାଇକରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ବାଟ ଓଗାଳିଥିଲେ । ଦମ୍ପତ୍ତି ଅଟକି ଯିବା ମାତ୍ରେ ଦୁର୍ବୃତ୍ତମାନେ ମହିଳାଙ୍କ ବେକରୁ ଚେନଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ଫେରାର୍ ହୋଇଯାଇଥିଲେ । ତେବେ ଲୁଟ ବେଳେ ଅସଲି ସୁନା ଚେନଟି ଛିଣ୍ଡି ମହିଳାଙ୍କ ହାତରେ ରହିଯାଇଥିଲା ଏବଂ ଚୋରମାନେ ନେଇଥିବା ନକଲି ଚେନ ବୋଲି ଜଣାପଡ଼ିଛି ।

# ପଞ୍ଚଦିବସୀୟ ଇଂରାଜୀ ଭାଷା ସମୃଦ୍ଧି ଆବାସିକ ପ୍ରଶିକ୍ଷଣ ଶିବିର

ଅନୁଗୋଳ, (ସବ୍ୟୁ) : ଜିଲ୍ଲାରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଇଂରାଜୀ ଭାଷାର ଦକ୍ଷତା, ଆତ୍ମବିଶ୍ୱାସ ଓ ଯୋଗାଯୋଗ କୌଶଳ ବିକାଶ କରିବା ଉଦ୍ଦେଶ୍ୟରେ ଆୟୋଜିତ ପଞ୍ଚଦିବସୀୟ ଜିଲ୍ଲାସ୍ତରୀୟ ଇଂରାଜୀ ଭାଷା ସମୃଦ୍ଧି ଆବାସିକ ପ୍ରଶିକ୍ଷଣ ଶିବିର ପି.ଏମ. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉଦଯାପିତ ହୋଇଛି ।

ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ, ପି.ଏମ. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ମାଝୀ ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ୮ଟି ବ୍ଲକରୁ ମୋଟ ୬୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ଥିଲା ଶିକ୍ଷକମାନଙ୍କ ଇଂରାଜୀ ଭାଷା ଶିକ୍ଷାଦାନ ଦକ୍ଷତାକୁ ସୁଦୃଢ଼ କରିବା ସହ ଶ୍ରେଣୀଗୃହରେ ଅଧିକ ଆକର୍ଷଣୀୟ, ଶିଶୁକେନ୍ଦ୍ରିକ ଓ ଭୟମୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି କରିବା



। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବେ ଶ୍ରୀମତୀ ତୃପ୍ତିମୟୀ ଭୁତିଆ, ଶ୍ରୀମତୀ ରାଜଲକ୍ଷ୍ମୀ ସାହୁ, ଶ୍ରୀମତୀ ଚିନ୍ମୟୀ ମହାପାତ୍ର, ଅରୁଣ କୁମାର ବାଘ, ସୁଜିତ ସୁମନ ସାହୁ ଓ ସୁନୀଲ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ପ୍ରଶିକ୍ଷଣରେ ଇ-କଣ୍ଟେଣ୍ଟର ବ୍ୟବହାର, ଭିଡିଓ ଓ ଆଲେଖ୍ୟ ମାଧ୍ୟମରେ ଭାଷା ଶିକ୍ଷାଦାନ, ଇଂରାଜୀ କଥୋପକଥନ, ଦଳଗତ କାର୍ଯ୍ୟ, ଅନୁଭୂତି ବିନିମୟ ଏବଂ ବ୍ୟବହାରିକ ଶିକ୍ଷଣ ପଦ୍ଧତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଶିକ୍ଷାର୍ଥୀମାନେ ଯେପରି ଇଂରାଜୀ ଭାଷାକୁ କେବଳ ପାଠ୍ୟ ବିଷୟ ଭାବେ ନୁହେଁ, ବରଂ ଦୈନନ୍ଦିନ ଯୋଗାଯୋଗ ଓ ଅଭିବ୍ୟକ୍ତିର ଏକ ସହଜ ମାଧ୍ୟମ ଭାବେ ଗ୍ରହଣ କରିପାରିବେ, ସେଥିପାଇଁ ବିଭିନ୍ନ କାର୍ଯ୍ୟଭିତ୍ତିକ ଓ ଶିଶୁକେନ୍ଦ୍ରିକ ଶିକ୍ଷଣ କୌଶଳ ପ୍ରଦର୍ଶନ କରାଯାଇଥିଲା । ବିଶେଷକରି, ଶ୍ରେଣୀଗୃହରେ ଶିକ୍ଷାର୍ଥୀଙ୍କ ମନରୁ ଇଂରାଜୀ କହିବା ପ୍ରତି ଭୟ ଓ ସଙ୍କୋଚ ଦୂର କରିବା, ଭୁଲକୁ ଶିକ୍ଷଣର ଏକ ସ୍ୱାଭାବିକ ଅଂଶ ଭାବେ ଗ୍ରହଣ କରିବା ଏବଂ ଶୁଣିବା, କହିବା, ପଢ଼ିବା, ଲେଖିବା ଚାରୋଟି ଭାଷା ଦକ୍ଷତାର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏହା ମାଧ୍ୟମରେ ଶିକ୍ଷକମାନେ ନିଜ ଶ୍ରେଣୀଗୃହରେ ଅଧିକ ସକ୍ରିୟ, ସହଭାଗୀତାମୂଳକ ଓ ଆନନ୍ଦଦାୟକ ଭାଷା ଶିକ୍ଷଣ ପରିବେଶ ସୃଷ୍ଟି କରିବାର ଅନୁଭବ ହାସଲ କରିଥିଲେ । ଶିବିରର ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ସଂଯୋଜକ ଶ୍ରୀ ମନୋରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ ପ୍ରଶିକ୍ଷାର୍ଥୀ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଇଂରାଜୀ ଭାଷାର ଦକ୍ଷ ଓ ପ୍ରଭାବଶାଳୀ ଶିକ୍ଷକ ଭାବେ ନିଜକୁ ବିକଶିତ କରିବା ସହିତ ଆଗାମୀ ପିଢ଼ିର ଶିକ୍ଷାର୍ଥୀମାନଙ୍କୁ ଇଂରାଜୀ ଭାଷାରେ ଆତ୍ମବିଶ୍ୱାସୀ ଓ ଦକ୍ଷ କରିବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।